ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପ୍ରାଗ୍‌ଭଞ୍ଜୀୟ ଅନୂଦିତ କାବ୍ୟ

**ଡକ୍ଟର ସତ୍ୟଜିତ ଦାସ**

ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରୁ ପୁରାଣ ଓ ତତ୍ତ୍ୱାଶ୍ରୟୀ ଗ୍ରନ୍ଥ ରଚନା ସମତାଳ ଦେଇ ଛନ୍ଦୋବଦ୍ଧ ରସଗର୍ଭିତ କାବ୍ୟଧାରା ସୃଷ୍ଟି ଏକ ସ୍ୱୀକୃତ ବିଷୟ । ଓଡ଼ିଆ ସାହିତ୍ୟରେ ଏହି ନୂତନ ଧାରାକୁ ରୀତି ଯୁଗ ଭାବେ ଅଭିହିତ କରାଯାଏ । ଷୋଡ଼ଶ ଶତାବ୍ଦୀ ମଧ୍ୟଭାଗରୁ କ୍ରମଶଃ ରୀତି ଶୈଳୀର ବିକାଶ ଲାଭ କରିଥିଲା ଏବଂ ଊନବିଂଶ ଶତାବ୍ଦୀ ଶେଷ ଭାଗ ପର୍ଯ୍ୟନ୍ତ ପ୍ରାୟ ତିନି ଶହ ବର୍ଷ ଧରି ରୀତି ଯୁଗ ପରିବ୍ୟାପ୍ତ । ଅର୍ଜ୍ଜୁନ ଦାସ ଏହି ନୂତନ କାବ୍ୟ ପରମ୍ପରାର ବାହକ । ରୀତି ଯୁଗୀୟ କାବ୍ୟ ପରମ୍ପରାର ଆଦି ପର୍ଯ୍ୟାୟରେ ଦେବଦୁର୍ଲ୍ଲଭ ଦାସ, ଦନେଇ ଦାସ, ଭୂପତି ପଣ୍ଡିତ, ବିଷ୍ଣୁ ଦାସ ଓ ଧନଞ୍ଜୟ ଭଞ୍ଜ ପ୍ରମୁଖ ପ୍ରାଗ୍‌ରୀତିକବିଗଣ ଓଡ଼ିଆ କାବ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ପ୍ରାଗ୍‌ଭଞ୍ଜୀୟ କାବ୍ୟାନଙ୍କରେ ପୂର୍ବ ପ୍ରଚଳିତ ପୁରାଣ ଶୈଳୀକୁ ସମ୍ପୂର୍ଣ୍ଣ ପରିହାର କରିନଥିଲେ ବରଂ ଏହାର କଥାବସ୍ତୁ ଓ ଚରିତ୍ର ଆଦିକୁ ନେଇ କବିଗଣ କାବ୍ୟ ରଚନା କଲେ । ପାଲି, ପ୍ରାକୃତ ଓ ସଂସ୍କୃତ ସାହିତ୍ୟରୁ ରୀତି କବିଗଣ ଉପାଦାନ ସଂଗ୍ରହ କରିଛନ୍ତି । ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ଉଚ୍ଚକୋଟୀର କାବ୍ୟ ରଚନା କରିବାକୁ ଯାଇ ସଂସ୍କୃତ କବିମାନଙ୍କ ପାଖରେ ଋଣୀ ହୋଇଯାଇଛନ୍ତି । ସଂସ୍କୃତ ଓ ପ୍ରାକୃତ ଭାଷାରେ ରଚିତ କାବ୍ୟ ଓ ଶୃଙ୍ଗାରାଶ୍ରୟୀ ଗ୍ରନ୍ଥ; ଯଥା-ଅମରିକଙ୍କ ର 'ଅମରୁ ଶତକ', ଗୋବର୍ଦ୍ଧନାଚାର୍ଯ୍ୟଙ୍କର 'ଆର୍ଯ୍ୟସପ୍ତସତୀ' , କାଳିଦାସଙ୍କ 'ଶୃଙ୍ଗାର ଶତକ', ବିହ୍ଲଣଙ୍କର 'ଚୌର ପଞ୍ଚାସିକା' ପ୍ରଭୃତି । ସଂସ୍କୃତ ଆଳଙ୍କାରିକ ସ୍ତୋତ୍ରଗ୍ରନ୍ଥ ଓ କାବ୍ୟଶାସ୍ତ୍ର; ଯଥା- 'ଦୁର୍ଗା ସପ୍ତସତୀ', 'ଚଣ୍ଡୀଶତକ', 'ବକ୍ରୋକ୍ତି ପଞ୍ଚାଶିକା', 'କୃଷ୍ଣଲୀଳାମୃତ' ଆଦି ସ୍ତୋତ୍ର ଗ୍ରନ୍ଥ । ଶ୍ରୀହର୍ଷଙ୍କ 'ନୈଷଧ ଚରିତ', କାଳିଦାସଙ୍କ 'କୁମାରସମ୍ଭବ' , 'ରଘୁବଂଶ', 'ମେଘଦୂତ', 'ଋତୁସଂହାର' ପ୍ରଭୃତି କାବ୍ୟ ଓ 'ଅଭିଜ୍ଞାନ ଶକୁନ୍ତଳମ୍', 'ମାଳବିକାଗ୍ନିମିତ୍ରମ୍' ପ୍ରଭୃତି ନାଟକ । ମାଘଙ୍କର 'ଶିଶୁପାଳ ବଧ',ଭାରବୀଙ୍କର 'କିରାତାର୍ଜ୍ଜୁନ' ବାଣଭଟ୍ଟଙ୍କର 'ହର୍ଷଚରିତମ୍' ଆଦି କାବ୍ୟଗ୍ରନ୍ଥ । ଭାମହଙ୍କ 'କାବ୍ୟାଳଙ୍କାର ସୂତ୍ର', ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ', ବାମନଙ୍କ 'କାବ୍ୟ ପ୍ରକାଶ', ରୁଦ୍ରଟଙ୍କ 'କାବ୍ୟାଳଙ୍କାର' , ରାଜଶେଖରଙ୍କ 'କାବ୍ୟମୀମାଂସା', ଭୋଜରାଜଙ୍କ 'ସରସ୍ୱତୀକଣ୍ଠାଭରଣ', କୁନ୍ତକଙ୍କ 'ବକ୍ରୋକ୍ତି ଜୀବିତମ୍', ବିଶ୍ୱରାଜ କବିରାଜଙ୍କ 'ସାହିତ୍ୟ ଦର୍ପଣ', ପଣ୍ଡିତ ଜଗନ୍ନାଥଙ୍କ 'ରସଗଙ୍ଗାଧର', ମମ୍ମଟଙ୍କ 'କାବ୍ୟପ୍ରକାଶ' , ହେମଚନ୍ଦ୍ରଙ୍କ 'କାବ୍ୟାନୁଶାସନ', କ୍ଷେମେନ୍ଦ୍ରଙ୍କ 'କବିକଣ୍ଠାଭରଣ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଓ ଭାନୁଦତ୍ତଙ୍କ 'ରସତରଙ୍ଗିଣୀ'ପ୍ରଭୃତି ଅଳଙ୍କାରଶାସ୍ତ୍ର । 'ଅମରକୋଷ', 'ମେଦିନୀ କୋଷ' ଓ 'ଶବ୍ଦକଳ୍ପଦ୍ରୁମ' ଆଦି କୋଷଗ୍ରନ୍ଥ, ବାତ୍ସାୟନଙ୍କ 'କାମଶାସ୍ତ୍ର', ଅଷ୍ଟାଦଶ ପୁରାଣ, ପ୍ରାକୃତ ଭାଷାରେ ରଚିତ ହାଳଙ୍କ 'ଗାଥାସପ୍ତସଇ' ଆଦି ଗ୍ରନ୍ଥ । ଏତଦ୍‌ବ୍ୟତୀତ ରୂପଗୋସ୍ୱାମୀଙ୍କ 'ଉଜ୍ଜ୍ୱଳ ନୀଳମଣି' , ବିଦ୍ୟାପତି, ଚଣ୍ଡୀଦାସ, ଜ୍ଞାନଦାସ ପ୍ରମୁଖଙ୍କ ପଦାବଳୀ ସାହିତ୍ୟ ଓଡ଼ିଆ ରୀତି କାବ୍ୟ ଉପରେ ପ୍ରଭାବ ବିସ୍ତାର କରିଥିଲା । ଜୟଦେବଙ୍କ 'ଗୀତଗୋବିନ୍ଦ', ସାରଳା ଦାସଙ୍କ 'ମହାଭରତ', ଜଗନ୍ନାଥ ଦାସଙ୍କ 'ଭାଗବତ', ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ' ପ୍ରଭୃତିରୁ ଆଖ୍ୟାନ ଅବଲମ୍ବନ କରି ଏହି ଯୁଗର କବିମାନେ କାବ୍ୟ ରଚନା କଲେ । ପ୍ରସଙ୍ଗାନୁଯାୟୀ ଲୋକକାହାଣୀର ପ୍ରୟୋଗ ସ୍ଥଳବିଶେଷରେ ଦେଖିବାକୁ ମିଳିଥାଏ । ତେଣୁ ପ୍ରାଗ୍‌ରୀତିଯୁଗ କବିଗଣ କାବ୍ୟ

ରଚନା କ୍ଷେତ୍ରରେ ସଂସ୍କୃତ, ପ୍ରାକୃତ, ଓଡ଼ିଆ ପୁରାଣ ସାହିତ୍ୟ ତଥା ଅଳଙ୍କାର ଗ୍ରନ୍ଥ ଦ୍ୱାରା ବହୁଭାବରେ ଅନୁପ୍ରେରିତ ହୋଇଛନ୍ତି । ରୀତିକବିଗଣ ଏସବୁ ଗ୍ରନ୍ଥ ଆହରଣ କରି ନୂତନ ପରିଗ୍ରହରେ କାବ୍ୟ ରଚନା କଲେ । ବିଷୟବିନ୍ୟାସ, ବର୍ଣ୍ଣନାପାଟବ ଓ ଶୈଳୀ ଦିଗରୁ ଓଡ଼ିଆ ପ୍ରାଗଭଞ୍ଜୀୟ କାବ୍ୟର ସ୍ୱତନ୍ତ୍ରତା ବାରି ହୋଇପଡ଼େ ।

ପ୍ରାଗଭଞ୍ଜୀୟ କବିଗଣ ଯେଉଁ କେତୋଟି କାବ୍ୟ ଅନୂଦିତ ହୋଇ କାବ୍ୟରୂପ ଧାରଣ କରିଅଛି ସେଥିମଧ୍ୟରୁ ଧରଣୀଧରଙ୍କ 'ଗୀତଗୋବିନ୍ଦ', ବୃନ୍ଦାବନ ଦାସଙ୍କ 'ରସବାରିଧି', ଅର୍ଜ୍ଜୁନ ଦାସଙ୍କ 'ରାମ ବିଭା, ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ', ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ', ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ', 'ରଘୁନାଥ ବିଳାସ' , ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ', ଚନ୍ଦ୍ରଶେଖର ଭଞ୍ଜଙ୍କ 'ଦମୟନ୍ତୀଶ ବିଳାସ', ବିଷ୍ଣୁଦାସଙ୍କ 'ଶକୁନ୍ତଳା ଚରିତ', 'ପ୍ରେମଲୋଚନା', ହରିହର ନରେନ୍ଦ୍ର 'ମଦାଳସା' ପ୍ରଭୃତି କାବ୍ୟ । ଏସବୁ କାବ୍ୟମାନଙ୍କ ମଧ୍ୟରୁ ଗୀତଗୋବିନ୍ଦର ଅନୁବାଦ ବ୍ୟତୀତ ଅନ୍ୟଗୁଡ଼ିକ ଅନୁବାଦ ପର୍ଯ୍ୟାୟଭୁକ୍ତ ନୁହଁନ୍ତି; ମୂଳଗ୍ରନ୍ଥର ଅନୁସରଣ ମାତ୍ର ।

ଉତ୍କଳୀୟ କବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ପ୍ରଭାବ ଓଡ଼ିଆ ରୀତିକାବ୍ୟ ପରମ୍ପରାକୁ ରସସିକ୍ତ କରିଛି । ଗୀତଗୋବିନ୍ଦ ଗ୍ରନ୍ଥର ପଦଲାଳିତ୍ୟ , ଅଳଙ୍କାର ପ୍ରୟୋଗ, ଶୃଙ୍ଗାରିକତା, ବର୍ଣ୍ଣନା ଚାତୁରୀ, ନାୟିକା ପ୍ରକରଣ ଆଦିର ପ୍ରଭାବ ବେଶ୍ ସ୍ପଷ୍ଟ । ଅର୍ଜ୍ଜୁନ ଦାସଙ୍କ 'ରାମ ବିଭା', ବୃନ୍ଦାବନ ଦାସଙ୍କ 'ରସବାରିଧି', ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ', ଶିଶୁଶଙ୍କରଙ୍କ 'ଉଷାଭିଳାଷ' ପ୍ରଭୃତି କାବ୍ୟର ବିଷୟବସ୍ତୁ ଓ ପରିବେଷଣ ଶୈଳୀ ଦୃଷ୍ଟିରୁ 'ଗୀତଗୋବିନ୍ଦ'ର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ । ବୃନ୍ଦାବନ ଦାସଙ୍କ 'ରସବାରିଧି' କାବ୍ୟରେ ବାରମ୍ବାର ଜୟଦେବଙ୍କ ନାମୋଲ୍ଲେଖ କରିଛନ୍ତି । ପ୍ରକୃତପକ୍ଷେ 'ରସବାରିଧି' କାବ୍ୟଟି ଗୀତଗୋବିନ୍ଦର ଏକ ପଦ୍ୟାନୁବାଦ । ଗୀତଗୋବିନ୍ଦର ବହୁ ଶ୍ଳୋକର ଭାବ ତଥା ଅର୍ଥଗତ ସାମଞ୍ଜସ୍ୟ ଏହି କାବ୍ୟମାନଙ୍କର ପଦାବଳୀରେ ଅବିକଳ ପ୍ରତିଫଳିତ ହୋଇଛି । ଏପରିକି 'ଗୀତଗୋବିନ୍ଦ'ର ଦଶମ ସର୍ଗରେ କିଶୋରୀ ରାଧାଙ୍କ ମାନଭଞ୍ଜନ ପାଇଁ ରସିକ ଶେଖର କୃଷ୍ଣଙ୍କ ମୁଖରେ ଯେଉଁ ସବୁ ଚାଟୁବାଣୀ ପ୍ରଦତ୍ତ ହୋଇଛି 'ଉଷାଭିଳାଷ'ରେ ତହିଁର କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୁଏନାହିଁ । ଉଦାହରଣ ସ୍ୱରୂପ ଉଭୟ କାବ୍ୟରୁ ଦୁଇଗୋଟି ଶ୍ଳୋକ ଉଦ୍ଧାର କରାଗଲା ।

ଗୀତଗୋବିନ୍ଦ କାବ୍ୟ –

"ତ୍ୱମସି ମମ ଭୂଷଣଂ ତ୍ୱମସି ମମ ଜୀବନଂ
ତ୍ୱମସି ମମ ଭବ ଜଳଧି ରତ୍ନମ୍
ଭବତୁ ଭବତୀହମୀ ସତତମନୁ ରୋଧିନୀ
ତତ୍ର ମମ ହୃଦୟ ମତି ଯତ୍ନମ୍"

ଉଷାଭିଳାଷ କାବ୍ୟରେ –

"ତୁ ମୋର ଦେହ ଜୀବନ ତୁ ମୋର ଭୂଷଣ ମାନ
ତୁ ମୋର ଇନ୍ଦ୍ରି ବିଷୟ ମନ-ସଦନ
ତୁ ମୋହର ମୁକୁଟ ଶିରେ
ତୁ ମୋର ସୁକୃତ ଫଳ ସୁଖ ସାଗରେ । ୧୫ ।"
"ତୁ ମୋର ଘରୁ ଚନ୍ଦନ ତୁ ମୋର ଶିର ଚନ୍ଦନ
ତୁ ମୋର ମଦନ ଜଳନିଧି ତରଣୀ
ତୁ ମୋ ଗଳେ ବନମାଳ ତୁ ମୋହର ବୀର୍ଯ୍ୟବଳ
ତୁ ମୋର ଭବ-ବିଭବ-ସୁଖ ସରଣୀ
ତୁ ମୋହୋର ସବୁ ରମଣୀ !
ମୁଁ ତୋହର ପରିଚ୍ଛର କି କେ ନଗଣି । ୧୬ । (ସପ୍ତମ ଛାନ୍ଦ)

ପ୍ରାଗଭଞ୍ଜୀୟ ବହୁ କବି ଗୀତଗୋବିନ୍ଦ କାବ୍ୟର ବିଶ୍ୱସ୍ତ ଓଡ଼ିଆ ଅନୁବାଦ କରିଛନ୍ତି । ସେମାନଙ୍କ ମଧ୍ୟରେ ଧରଣୀଧର ଦାସ, ଉଦ୍ଧବ ଦାସ, ତ୍ରିଲୋଚନ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ଚୈତନ୍ୟ ଦାସ, ଭିକାରୀ ଦାସ, ଗୋପୀନାଥ ଧୀର ଜଗଦ୍ଦେବ,ଗୌରହରି ପରିଚ୍ଛା, ଶ୍ୟାମ ସୁନ୍ଦର ଭଞ୍ଜ, ଜଗନ୍ନାଥ ମିଶ୍ର, ଅନନ୍ତ ରଥ ବାଣୀଭୂଷଣ, ବାସୁଦେବ ମିଶ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଧନଞ୍ଜୟ ଭଞ୍ଜଙ୍କ ଅନ୍ୟତମ କାଞ୍ଚନିକ କାବ୍ୟ 'ଇଚ୍ଛାବତୀ' । ଦଶ ଛାନ୍ଦବିଶିଷ୍ଟ ଏହି କାବ୍ୟର ପୃଷ୍ଠଭୂମି ଦୁଇଟି ପଞ୍ଚାଶିକାର ଭିତ୍ତିରେ ଗଠିତ । ସଂସ୍କୃତର ପଞ୍ଚାଶିକା ଓ ବିହ୍ଲଣଙ୍କ ଚୌର ପଞ୍ଚାଶିକା ନାମକ ଦୁଇଟି ଗ୍ରନ୍ଥର ଶ୍ଳୋକକୁ ଅନୁବାଦ କରାଯାଇଛି । ଦୁଇ ପଞ୍ଚାଶିକାର ଏକଶତ ଶ୍ଳୋକର ଛାୟାନୁବାଦ ଏଥିରେ ଦେଖିବାକୁ ମିଳିଥାଏ । ସମଗ୍ର କାବ୍ୟଗ୍ରନ୍ଥଟିକୁ ଆଲୋଚନାର ସୁବିଧା ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଛାନ୍ଦ ଠାରୁ ପଞ୍ଚମ ଛାନ୍ଦ ପର୍ଯ୍ୟନ୍ତ କେବଳ ଓଡ଼ିଆ ଭାଷାରେ ରଚିତ । ଷଷ୍ଠ ଛାନ୍ଦରୁ ସପ୍ତମ ଛାନ୍ଦ ପର୍ଯ୍ୟନ୍ତ ଅଂଶରେ ସଂସ୍କୃତ ସାହିତ୍ୟର ଛାୟାପାତ ଘଟିଛି । ଅଷ୍ଟମ ଛାନ୍ଦରୁ ଶେଷ ପର୍ଯ୍ୟନ୍ତ ଅଂଶବିଶେଷ ସଂସ୍କୃତ ସାହିତ୍ୟର ପ୍ରଭାବରେ

ପ୍ରଭାବିତ । ଏହି ପ୍ରଭାବିତ ଅଂଶରେ ଅଷ୍ଟମରୁ ଶେଷ ପର୍ଯ୍ୟନ୍ତ ଚୌର ପଞ୍ଚାଶିକାର ଛାୟାରେ ରଚିତ ।ଧନଞ୍ଜୟ ଭଞ୍ଜ ପଞ୍ଚାଶିକାର ଶ୍ଳୋକଗୁଡ଼ିକରେ ଅନୁବାଦର ଭାବ ଯଥାଯଥ ରକ୍ଷା କରିପାରିଛନ୍ତି ।

ଚୌର ପଞ୍ଚାଶିକା-

"ପ୍ରିୟେ ସଦା ପୂର୍ଣ୍ଣତରଂ ମନୋହରଂ
ତେ ନିଷ୍କଳଙ୍କ ମୁଖଚନ୍ଦ୍ର ମଣ୍ଡଳମ୍
ବିଲୋକ୍ୟ ସବ୍ରୀଡ଼ତୟା ନିଶାପତିଃ
ଗତ ପ୍ରତପ୍ତଃ ଜଳଧେର୍ଜଳାନ୍ତରମ୍ ।

ଇଚ୍ଛାବତୀ-

"ହେ ପ୍ରିୟ ତୋ ମୁଖ ପୂର୍ଣ୍ଣଚନ୍ଦ୍ରମା,
କେବେ ନ ଲଭଇ କଳଙ୍କ ସୀମା ।
ରାତ୍ର ଦିବସେ ଏହୁ ମନୋହର,
ଦେଖି ଶଶାଙ୍କ ଲଭିଲା କାତର ।
ସନ୍ତାପିତ ମନ, ତେଣୁ କଲା ସିନ୍ଧୁ ଅନ୍ତେ ଗମନ ।"

(୬ଷ୍ଠ ଛାନ୍ଦ)

ଚୌର ପଞ୍ଚାଶିକା-

"କିଂ କେତକୀ ପରିମଳୋତ୍‌ଥିତ ଗନ୍ଧଲୁବ୍ଧ
ଗୁଞ୍ଜଦ୍‌ଭ୍ରମଦ୍ ଭ୍ରମର ବାଞ୍ଛିତିରନ୍ତୁ ମେତାମ୍ ।
ଯତ୍‌କଣ୍ଟକୈଃ ପରିବୃତାମତୁଳା ମଗମ୍ୟାଂ
ସଂରକ୍ଷିତାଂ ବ୍ରଜସି ଗଛ ଲତାଂ ସପୁଷ୍ପମ୍ ।"

ଇଚ୍ଛାବତୀ-

"ବିକଚ କେତକୀ ସମୀର ଲଭି,
କିମ୍ପାଇ ଭୃଙ୍ଗ ହୋଇଅଛୁ ଲୋଭୀ,
କ୍ରୀଡ଼ା ଇଚ୍ଛାରେ ତୁ କରୁ ଗମନ,
କଣ୍ଟାକେ ଅଗମ୍ୟ ନ ଘେନୁ ମନ,
ଏ ରକ୍ଷିତ ଜନେ, ଚଳ ତୁ ଆନ କୁସୁମିତ ବନେ ।"

(୬ଷ୍ଠ ଛାନ୍ଦ)

କବି କଥାବସ୍ତୁର ଗତିରେ ଶ୍ଳୋକମାନଙ୍କୁ ପ୍ରସଙ୍ଗାନୁଯାୟୀ ଗୁନ୍ଥିଛନ୍ତି ଏବଂ କଥାବସ୍ତୁର ଗତିରେ ଏହା ସାହାଯ୍ୟ କରିଛି ।

ଚୌର ପଞ୍ଚାଶିକା-

"ହେ ପାନ୍ଥ ! ଚିନ୍ତା କୁଳିତାତିମୂଢ଼୍
କିଂ ସ୍ତୌଷି ବାଳାମବଳାଂ କୃଶଙ୍ଗୀମ୍
ଅର୍ଥଂ ଯଦି ପ୍ରାର୍ଥୟସେ ଭଜେଶଂ
ମୋକ୍ଷଂ ଚ ଲକ୍ଷ୍ମୀପତି ମମ୍ବୁଜ କ୍ଷମ୍ ।"

ଇଚ୍ଛାବତୀ-

"ଏମନ୍ତ ଚଟୁର ବିନୟ ଶୁଣି,
ମଧୁକରି କହେ ଇଚ୍ଛାକୁ ବାଣୀ,
ଆହେ ପଥିକ ଚିନ୍ତା ଆକୁଳିତ,
ମୂର୍ଖପଣରେ ତୁ କହୁ ଏମନ୍ତ,
ମୁଁ ଅବଳା ଜନ,
ମୋତେ କିମ୍ପା କରୁ ସ୍ତୁତି ବଚନ ।
ଧନେ ଇଚ୍ଛାଥିଲେ ଭଜ ଶଙ୍କର,
ଯାହାର ଆଜ୍ଞାରେ ଅଛି କୁବେର,
ମୋକ୍ଷକୁ ଯେବେ ତୋ ଅଛି ବିଚାର,
ତେବେ ବେଗେ ଭଜ କମଳାବର,
ଏହା ଚଟୁ ଶୁଣି, ବୋଇଲା ଶୁଣରେ ରମଣୀମଣି ।"

(୬ଷ୍ଠ ଛାନ୍ଦ)

ଶ୍ଳୋକ ଓ ଅନୁବାଦକୁ ଗୁନ୍ଥି ପରିଚ୍ଛଦ (ଛନ୍ଦ) ରୂପରେ କବି ସଜେଇଛନ୍ତି । ପ୍ରତ୍ୟେକ ଛନ୍ଦରେ କଥାବସ୍ତୁକୁ ଗତିଶୀଳ କରିବା ପାଇଁ କବି ପ୍ରସଙ୍ଗକ୍ରମେ ଅନୁବାଦ ସହିତ କଥାଂଶର ଯଥାଯଥ ବର୍ଣ୍ଣନା ମଧ୍ୟ କରିଛନ୍ତି । (ଦାସ ,ସୂର୍ଯ୍ୟନାରାୟଣ-ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟ ଭାଗ, ଗ୍ରନ୍ଥମନ୍ଦିର, କଟକ, ପୃଷ୍ଠା:୧୬୬-୧୬୭)

ସେହି ପରି ବନମାଳୀ ଦାସଙ୍କ 'ଚଟ ଇଚ୍ଛାବତୀ' କାବ୍ୟ ମଧ୍ୟ ସଂସ୍କୃତ 'ଚୌର ପଞ୍ଚାଶିକା' ଓ 'ଉତ୍ତର ପଞ୍ଚାଶିକା'ର ପ୍ରଭାବ ପଡ଼ିଅଛି । ଉଭୟ କବିଙ୍କ କାବ୍ୟର କଥାବସ୍ତୁ ଗତ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ଶୈଳୀଗତ ପ୍ରଭେଦଟି ରହିଛି ।

ରାମାୟଣ କଥାବସ୍ତୁ ଆଧାରିତ କାବ୍ୟ ଭାବରେ ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟରେ ରାମ ଜନ୍ମ ଠାରୁ ରାମ ବିବାହ ପର୍ଯ୍ୟନ୍ତ କଥାବସ୍ତୁ ବର୍ଣ୍ଣିତ ରହିଛି । ଧନଞ୍ଜୟ ଭଞ୍ଜଙ୍କର 'ରଘୁନାଥ ବିଳାସ' କାବ୍ୟରେ ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ କଥାବସ୍ତୁ ସ୍ଥାନ ପାଇଛି । ସମ୍ପୂର୍ଣ୍ଣ ରାମାୟଣ ଭିତ୍ତିକ ପ୍ରଥମ କାବ୍ୟ କୁହାଯାଇପାରେ । ମାର୍କଣ୍ଡେୟ ପୁରାଣ କଥାବସ୍ତୁ ଆଧାରରରେ ହରିହର ନରେନ୍ଦ୍ର ମଦାଳସା କାବ୍ୟ, ପଦ୍ମପୁରାଣର ବିଷୟବସ୍ତୁକୁ ନେଇ କାର୍ତ୍ତିକ ଦାସ 'ରୁକ୍ମିଣୀ ବିଭା', ଭାଗବତର ବିଷୟବସ୍ତୁ ଅନୁସରଣରେ କେଶବ ରାଜ ହରିଚନ୍ଦନ 'ରସସିନ୍ଧୁ ସୁଲକ୍ଷଣା' ପ୍ରଭୃତି କାବ୍ୟ । ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ' କାବ୍ୟରେ ଭାଗବତ, ମହାଭାରତ ଏବଂ ହରିବଂଶର ଉଷା-ଅନିରୁଦ୍ଧ ପ୍ରଣୟ

ବୃତ୍ତାନ୍ତର ଅବଲମ୍ବନରେ ରଚିତ । ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତମ୍' ଛାୟାରେ ବିଷ୍ଣୁଦାସଙ୍କ ପ୍ରେମଲୋଚନା, ଚନ୍ଦ୍ରଶେଖର ଭଞ୍ଜଙ୍କ 'ଦମୟନ୍ତୀ ଶ ବିଳାସ' କାବ୍ୟ । କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍'ର ଛାୟାରେ ବିଷ୍ଣୁଦାସଙ୍କ 'ଶକୁନ୍ତଳା ଚରିତ' ପ୍ରଭୃତି ପ୍ରାଗଭଞ୍ଜୀୟ କାବ୍ୟମାନ ଦୃଷ୍ଟି ପଥାରୂଢ଼ ହୋଇଥାଆନ୍ତି ।

ଅନୁବାଦ ସାହିତ୍ୟର ଉନ୍ମେଷ କାଳ ବେଶ୍ ପ୍ରାଚୀନ । ଏହାଦ୍ୱାରା ଗୋଟିଏ ଭାଷାର ସାହିତ୍ୟ ବହୁବର୍ଣ୍ଣା ହୋଇଥାଏ । ଓଡ଼ିଆ ଅନୁବାଦ ପରମ୍ପରାର ଆଦି ପର୍ଯ୍ୟାୟ ହେଉଛି ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରିବାର ପର୍ଯ୍ୟାୟ । ମଧ୍ୟଯୁଗୀୟ ଅନୁବାଦ ସାହିତ୍ୟ ସମ୍ପର୍କରେ ସମାଲୋଚକ ସୁଦର୍ଶନ ଆଚାର୍ଯ୍ୟଙ୍କ ମତରେ, "ଅନୁବାଦ ଦ୍ୱାରା ଗୋଟିଏ ଭାଷାର ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଥାଏ । କିନ୍ତୁ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ପୁରାଣର ଅନୁବାଦ ପାଇଁ ଯେତିକି ତତ୍ପରତା ପ୍ରକାଶ କରିଛନ୍ତି, କାବ୍ୟାନୁବାଦ ପାଇଁ ସେତିକି ଆଗ୍ରହୀ ଥିବା ଜଣାଯାଏ ନାହିଁ । ସଂଶିତ ସମୟରେ ସଂସ୍କୃତ ଓ ପଡ଼ୋଶୀ କେତୋଟି ସାହିତ୍ୟ ବ୍ୟତୀତ ପୃଥିବୀର ଅନ୍ୟାନ୍ୟ ଭାଷା ଓ ସାହିତ୍ୟର ସଂସ୍ପର୍ଶରେ ଆସିବା କିମ୍ବା ତା'ର ସାହିତ୍ୟିକ ବିଭବ ଆହରଣ କରିବା ଏ ଦେଶର କବିମାନଙ୍କ ପକ୍ଷରେ ଆଦୌ ସମ୍ଭବପର ନଥିଲା । ଏଣୁ ଅନୁବାଦ ପାଇଁ ସଂସ୍କୃତ କେବଳ ଥିଲା ସେମାନଙ୍କ ପକ୍ଷରେ ଏକମାତ୍ର ଆଦର୍ଶ ସ୍ଥାନୀୟ ସାହିତ୍ୟ । ପୁଣି ଏ ସାହିତ୍ୟର କଳା ବିଭବ ପ୍ରତି ଓଡ଼ିଆ କବିମାନେ ସମ୍ପୂର୍ଣ୍ଣ ସଚେତନ ଥିଲେ । ପ୍ରତ୍ୟକ୍ଷ ଭାବେ ଏ ସାହିତ୍ୟରୁ ରସ ଆସ୍ୱାଦନ ପାଇଁ ସମର୍ଥ ଥିବାରୁ ଅନୁବାଦ କରିବା ଅପେକ୍ଷା ସେସବୁର ଅନୁସରଣରେ ମୌଳିକ କାବ୍ୟ ରଚନାକୁ ସେମାନେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ଫଳରେ ଓଡ଼ିଆ ଅନୁବାଦ କାବ୍ୟର ସ୍ୱଳ୍ପତା ଏହି ସମୟ ମଧ୍ୟରେ ପରିଲକ୍ଷିତ ହେବା ଏକାନ୍ତ ସ୍ୱାଭାବିକ ।" (ସୁଦର୍ଶନ, ଆଚାର୍ଯ୍ୟ-ଓଡ଼ିଆ କାବ୍ୟ କୌଶଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ଦ୍ୱିତୀୟ ପ୍ରକାଶ:୨୦୦୨, ପୃଷ୍ଠା-୨୪୦) ପ୍ରାଗଭଞ୍ଜୀୟ ଯୁଗରେ ଅନୁବାଦିତ କାବ୍ୟ ସଂଖ୍ୟା ସ୍ୱଳ୍ପ । କିନ୍ତୁ ବିଭିନ୍ନ କଥାବସ୍ତୁକୁ ଅନୁସରଣ କରି ଅନେକ କାବ୍ୟଗ୍ରନ୍ଥ ରଚନା କରାଯାଇଛି । ଆହରଣ, ସମୀକରଣ ଓ ଅନୁକୃତି ମାଧ୍ୟମରେ ଅନେକ କାଳଜୟୀ ସୃଷ୍ଟି ପ୍ରାଗଭଞ୍ଜୀୟ ଓଡ଼ିଆ କାବ୍ୟ ଭଣ୍ଡାରକୁ ଶ୍ରୀମଣ୍ଡିତ କରିଅଛି ।

**ସହାୟକ ଗ୍ରନ୍ଥସୂଚୀ**


- ଆଚାର୍ଯ୍ୟ ସୁଦର୍ଶନ-ଓଡ଼ିଆ କାବ୍ୟକୌଶଳ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ର-୨୦୦୨
- କେଦାରନାଥ ଗବେଷଣା ପ୍ରତିଷ୍ଠାନ(ସଂପାଦନା)- ପ୍ରାଗଭଞ୍ଜୀୟ କାବ୍ୟ ସାହିତ୍ୟ,ଗ୍ରନ୍ଥମନ୍ଦିର,କଟକ,ପ୍ର-୨୦୦୨
- ପଟ୍ଟନାୟକ ଡଃ.ଆଶୁତୋଷ-ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ପଦ୍ଧତି ଓ ଅନୁବାଦ କୌଶଳ, ପ୍ରକାଶକ:ଶ୍ରୀ ଅମିତ ବିକ୍ରମ ପଟ୍ଟନାୟକ, ପ୍ର-୧୯୮୮
- ପ୍ରଧାନ ଡଃ.କୃଷ୍ଣଚନ୍ଦ୍ର- ୧.ଗବେଷଣା ପ୍ରକରଣ ସଂପାଦନା ଓ ଅନୁବାଦ ପ୍ରବିଧି,ଜ୍ଞାନଯୁଗ ପବ୍ଲିକେସନ, ନୂଆପଲ୍ଲୀ, ଭୁବନେଶ୍ୱର, ପ୍ର- ୨୦୦୪

୨. ଓଡ଼ିଆ ରୀତି ସାହିତ୍ୟ : ପରମ୍ପରା ଓ ପୁରୋଦୃଷ୍ଟି, ବିଦ୍ୟାପୁରୀ, କଟକ,ପ୍ର-୧୯୯୮

- ପ୍ରଧାନ ଡଃ. ମନୋରଞ୍ଜନ (ସଂ) - ଅନୁବାଦତତ୍ତ୍ୱ ଓ ପ୍ରୟୋଗ, ଓଡ଼ିଶା ବୁକ୍‌ଷ୍ଟୋର, କଟକ,ପ୍ର-୨୦୦୦
- ନାୟକ ଅଧ୍ୟାପକ ସୁରେନ୍ଦ୍ର କୁମାର -ଓଡ଼ିଆ ରୀତି କାବ୍ୟର ଭିତ୍ତି ଓ ଭୂତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୯୧



**ଅଧ୍ୟାପକ, ଓଡ଼ିଆ ବିଭାଗ,**
**ବେଗୁନିଆ ମହାବିଦ୍ୟାଳୟ,ବେଗୁନିଆ, ଖୋର୍ଦ୍ଧା**